# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24th September – 2025

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ମୌସୁମୀ ଅଧିବେଶନର ଷଷ୍ଠ ଦିନରେ ନାରୀ ସୁରକ୍ଷା ପ୍ରସଙ୍ଗରେ ବିରୋଧୀ ହଟ୍ଟଗୋଳ ଯୋଗୁ ଗୃହ ମୁଲତବୀ

– ରାଜ୍ୟ ସରକାର ଆଗାମୀ ୫ ବର୍ଷ ମଧ୍ୟରେ ବିଭିନ୍ନ ସ୍ଥାନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନେଇ ୨୫୨ କୋଟି ଟଙ୍କା ଖର୍ଚ୍ଚ କରିବେ

- 'ଆମ ସଂକଳ୍ପ– ନିଶା ନୁହେଁ ଜୀବନ' ଓ 'ନିଶାମୁକ୍ତ ଭୁବନେଶ୍ୱର'ର ସଚେତନତା କାର୍ଯ୍ୟକ୍ରମ ଆସନ୍ତା ମାସ ୨ ତାରିଖରୁ ହେବ ଆରମ୍ଭ

- ଛାତ୍ରଛାତ୍ରୀମାନଙ୍କୁ ସାମୂହିକ ସେବାକାର୍ଯ୍ୟରେ ସାମିଲ କରିବା ପାଇଁ ଆଜି ପାଳନ କରାଯାଉଛି ଜାତୀୟ ସେବା ଦିବସ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ ବିଭାଗର ସତର୍କ ସୂଚନା

BBSR/R

# ବିଧାନସଭା

ବିଧାନସଭାର ମୌସୁମୀକାଳୀନ ଅଧିବେଶନର ଷଷ୍ଠ ଦିନରେ ଆଜି ନାରୀ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନେ ଆରମ୍ଭରୁ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ପରିସ୍ଥିତିରେ କୌଣସି ଉନ୍ନତି ନଆସିବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ମୁଲତବୀ ରଖିଛନ୍ତି। ମହିଳା ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା ହୋଇଥିଲା। ଗୃହରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମହିଳା ସୁରକ୍ଷା ସମ୍ପର୍କିତ ଆଲୋଚନାରେ ଭାଗ ନେଇ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ବିଜେଡି ସଦସ୍ୟମାନେ ମଧ୍ୟ ଗୃହରେ ଅନୁରୂପ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜାରି ରଖିଥିଲେ। ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ଉତ୍ତରରେ ମୁଖ୍ୟ ବିରୋଧୀ ବିଜେଡି ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରି କକ୍ଷତ୍ୟାଗ କରିବାରୁ ବାଚସ୍ପତି ଗୃହକୁ ମୁଲତବୀ ରଖିଛନ୍ତି।

BBSR/R

# ବିଧାନସଭା-ଶୀତଳଭଣ୍ଡାର

ରାଜ୍ୟରେ ଆଗାମୀ ୫ ବର୍ଷ ମଧ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ୨୫୨ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବିଧାନସଭାରେ କହିଛନ୍ତି। ଏକ ପ୍ରଶ୍ନର

ଉତ୍ତରରେ ଶ୍ରୀ ସିଂହଦେଓ କହିଛନ୍ତି, ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ସରକାରୀ–ଘରୋଇ ସହଭାଗିତା ମୋଡରେ ନିର୍ମାଣ ହେବ। ଏ ନେଇ ଗୋ-ସୁଗମ ଆପ୍‌ରେ ୧୩ଟି ଆବେଦନ ମିଳିଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପୁରୀ, ଯାଜପୁର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର ନିର୍ମାଣ କରିବା ସରକାରଙ୍କ ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ସିଂହଦେଓ ଗୃହରେ କହିଛନ୍ତି।

HS

## ବିଧାନସଭା–ଇକେୱାଇସି

ରାଜ୍ୟରେ ରାସନ କାର୍ଡ ଇ-କେୱାଇସି ଯାଞ୍ଚ ସମୟରେ ୧ ଲକ୍ଷ ୯ ହଜାର ୮୫୩ ଜଣ ହିତାଧିକାରୀ ତାଲିକାରୁ ବାଦ ପଡ଼ିଛନ୍ତି ବୋଲି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୩୦ ହଜାର ୧୨୫ ରାସନକାର୍ଡକୁ ରଦ୍ଦ କରିଦିଆଯାଇଛି। ଅନ୍ୟପକ୍ଷରେ ୩ ଲକ୍ଷ ୮୭ ହଜାର ୮୧୯ ନୂଆ ହିତାଧିକାରୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇଛି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

HS

## ବିଧାନସଭା– ବିଦ୍ୟୁତ୍

ରାଜ୍ୟରେ ଗତ ୧୪ ମାସରେ ବିଦ୍ୟୁତ ଆଘାତରେ ୧୧୦ ଜଣଙ୍କ ଜୀବନହାନି ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୃହରେ କହିଛନ୍ତି। ବିଗତ ୧୦ ବର୍ଷରେ ୧ ହଜାର ୬୨୪ ଜଣ ବିଦ୍ୟୁତ୍

ଆଘାତରେ ପ୍ରାଣ ହରାଇଛନ୍ତି ବୋଲି ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହରେ କହିଛନ୍ତି ।

Jharsuguda

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ଶନିବାର ଦିନ ଝାରସୁଗୁଡ଼ା ଗସ୍ତରେ ଆସି ଆମୋଲିପାଲିସ୍ଥିତ ଯୁବ ସମାବେଶରେ ଯୋଗ ଦେବେ । ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଗଣମାଧ୍ୟମଙ୍କୁ ସୂଚନା ଦେଇ କହିଛନ୍ତି, ସେବାପକ୍ଷ ଅବସରରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ଏହି ସମାବେଶର ଆୟୋଜନ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଅତିରିକ୍ତ ମହାନିର୍ଦ୍ଦେଶକ ସନ୍ତୋଷ ବାଲା ଏବଂ ଆର୍.ପି.କୋଚେ ସ୍ଥିତିର ଅନୁଧ୍ୟାନ କରିଥିଲେ ।

Desk

## ସ୍ୱଚ୍ଛତା ଓ ସେବା

ଦେଶକୁ ସ୍ୱଚ୍ଛ ରଖିବା ପାଇଁ ଆସନ୍ତାକାଲି 'ସ୍ୱଚ୍ଛତା ଓ ସେବା' ଅଭିଯାନରେ ଏକ ଘଣ୍ଟା ଶ୍ରମଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧମ ପୋଷ୍ଟରେ ଶ୍ରୀ ମୋଦୀ ଏହି ଅଭିଯାନକୁ ଏକ ପ୍ରେରଣାଦାୟୀ ପଦକ୍ଷେପ ରୂପେ ଉଲ୍ଲେଖ କରି ଏହା ଦେଶର ସମୂହ ଦାୟିତ୍ୱ ଏବଂ ଜାତୀୟ ଗର୍ବକୁ

ସୂଚାଉଛି ବୋଲି କହିଛନ୍ତି। ଆସନ୍ତାକାଲି ସକାଳ ୮ଟାରୁ ସ୍ୱଚ୍ଛତା ଅଭିଯାନରେ ସାମିଲ ହେବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଆସନ୍ତାକାଲି ମଧ୍ୟ ପଣ୍ଡିତ ଦିନ୍ ଦୟାଲ୍ ଉପାଧ୍ୟାୟଙ୍କ ଜୟନ୍ତୀ ଉତ୍ସବ ସାରା ଦେଶରେ ପାଳନ କରାଯିବ।

I&PR

## ବେଆଇନ ନିଶାମୁକ୍ତ

ରାଜ୍ୟକୁ ବେଆଇନ ନିଶା କବଳରୁ ମୁକ୍ତ କରିବା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। 'ଆମ ସଂକଳ୍ପ– ନିଶା ନୁହେଁ ଜୀବନ' ଓ 'ନିଶାମୁକ୍ତ ଭୁବନେଶ୍ୱର'ର ପ୍ରସ୍ତୁତି ବୈଠକରେ ଆଜି ଅଧ୍ୟକ୍ଷତା କରି ଶ୍ରୀ ହରିଚନ୍ଦନ କହିଛନ୍ତି, ଆସନ୍ତା ଅକ୍ଟୋବର ୨ ତାରିଖରୁ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ନିଶା ମଣିଷକୁ ବିପଥଗାମୀ କରାଇବା ସହ ଶରୀରକୁ କ୍ଷତି ପହଁଞ୍ଚାଇଥାଏ। ବିଶେଷ କରି ଯୁବପିଢ଼ି, ପରିବାର, ସ୍କୁଲ, କଲେଜ ତଥା ଗ୍ରାମାଞ୍ଚଳରେ ନିଶାସେବନର ଅପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଛନ୍ତି। ଏକ ମାସ ଧରି ଚାଲିବାକୁ ଥିବା ଏହି ସଚେତନତା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ।

BBSR/R

## ଆଗୁଆ ଦରମା

ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଚଳିତ ମାସର ଆଗୁଆ ଦରମା ଆସନ୍ତା ୨୬ ତାରିଖରେ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପାର୍ବଣ ଋତୁରେ କର୍ମଚାରୀମାନଙ୍କୁ ଜିଏସ୍‌ଟିର ପ୍ରକୃତ ଲାଭ ଉଠାଇବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

Desk

## ଫାଷ୍ଟଟ୍ରକ୍ ରେଲଓ୍ବେ

ରାଜ୍ୟରେ ପର୍ଯ୍ୟଟନର ବିକାଶ ଓ ଅନୁସୂଚିତ ଜନଜାତି ବସବାସ କରୁଥିବା ଅଞ୍ଚଳ ସହିତ ବିଭିନ୍ନ ଶିଳ୍ପାଞ୍ଚଳଗୁଡ଼ିକୁ ରେଳ ସଂଯୋଗୀକରଣ କରିବା ଲାଗି ଓଡ଼ିଶା ଫାଷ୍ଟଟ୍ରାକ୍ ରେଲଓ୍ବେ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ପ୍ରସଙ୍ଗରେ ଅନୁଷ୍ଠିତ ବୈଠକରେ ରେଳବାଇ କ୍ଷେତ୍ରରେ ଓଡ଼ିଶାର ଯୋଗଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ରେଳବାଇ ବିକାଶର ଅଂଶସ୍ୱରୂପ ୪୯୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୩୨ କିଲୋମିଟର ଦୀର୍ଘ ପୁରୀ–କୋଣାର୍କ ନୂତନ ରେଳ ଲାଇନ୍ ସହ ଅନ୍ୟ କେତୋଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଐତିହାସିକ ଶ୍ରୀଜଗନ୍ନାଥ ମନ୍ଦିର ଓ ସୂର୍ଯ୍ୟ ମନ୍ଦିର ମଧ୍ୟରେ ଯୋଗାଯୋଗ ସ୍ଥାପନ ଲାଗି ଚାରୋଟି ଷ୍ଟେସନ୍ ସହ ରେଳ ପୋଲ ନିର୍ମାଣ ସହିତ ବିଭିନ୍ନ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ରୂପରେଖ ପ୍ରସ୍ତୁତ କରାଯାଇଛି।

# ପିଏମ୍‌-ସେବାପର୍ବ

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର **'ଭାରତ ଏ.ଆଇ. ମିଶନ'** ମାଧ୍ୟମରେ ଦେଶର ଭବିଷ୍ୟତକୁ ନୂତନ ରୂପରେଖ ଦେବା ପାଇଁ କରିଥିବା ଯୋଜନା ସମ୍ପର୍କରେ...

କୃତ୍ରିମ ବୁଦ୍ଧିମତା– ଏ.ଆଇ. ଏକ ବିପ୍ଳବ। ଯାହା ମଣିଷର କାର୍ଯ୍ୟ, ଚିନ୍ତା ଏବଂ ଜୀବନଶୈଳୀକୁ ପରିବର୍ତ୍ତନ କରିବା ସହ ଏହାକୁ ପୁନଃ ପରିଭାଷିତ କରୁଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାରରେ ଗତ ବର୍ଷ ମାର୍ଚ୍ଚ ମାସରେ ୧୦ ହଜାର ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦରେ ଭାରତ ଏ.ଆଇ.ମିଶନକୁ ଅନୁମୋଦନ କରାଯାଇଥିଲା। ଭାରତ କୃତ୍ରିମ ବୁଦ୍ଧିମତାର ବିକାଶ ଏବଂ ଏହାକୁ ଗ୍ରହଣ କରିବାରେ ଅଗ୍ରଣୀ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ଶ୍ରୀ ମୋଦୀ ଏ.ଆଇ.ମିଶନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସମୟରେ ଉଦ୍‌ବୋଧନ ଦେଇ କହିଥିଲେ...

**- V/O -**

ଭାରତ ଏ.ଆଇ. ମିଶନ ବିଶାଳ କମ୍ପ୍ୟୁଟ କ୍ଷମତା ଏବଂ ନବସୃଜନ କେନ୍ଦ୍ର ନିର୍ମାଣ, ଷ୍ଟାର୍ଟ-ଅପ୍‌ଗୁଡ଼ିକର ଅଗ୍ରଗତି ଏବଂ ଏ.ଆଇ.ର ସୁରକ୍ଷିତ ଓ ବିଶ୍ୱସ୍ତ ବ୍ୟବହାର ସୁନିଶ୍ଚିତ କରିବାରେ ସ୍ତମ୍ଭ ଉପରେ ପ୍ରତିଷ୍ଠିତ। ଏହି ମିଶନ ଜନସାଧାରଣଙ୍କୁ କେନ୍ଦ୍ରରେ ରଖି ପ୍ରଯୁକ୍ତିବିଦ୍ୟାର ଗଣତାନ୍ତ୍ରିକରଣ ଉପରେ ବିଶ୍ୱାସ ରଖୁଛି।  ଖୁବ୍ କମ୍ ସମୟ ମଧ୍ୟରେ ଭାରତ ବିଶ୍ୱର ସବୁଠାରୁ ସୁଲଭ, ସାଧାରଣ କମ୍ପ୍ୟୁଟ ସୁବିଧା ଉପଲବ୍ଧ କରାଇଛି।

ଭାରତ ଏ.ଆଇ ମିଶନ ପଦକ୍ଷେପ ଅପେକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ, ଯାହା ଦାୟିତ୍ୱପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତ କୃତିମ୍ର ବୁଦ୍ଧିମତାର ଆଗରେ ଦେଶକୁ ସ୍ଥାନିତ କରିବା ଏବଂ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତର ଡିଜିଟାଲ ମୂଳଦୁଆ ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

**Seba Parba Closing**

Subarnpur

## ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଓ ଆର୍ଥିକ ସଂସ୍କାର ଦେଶର ଅର୍ଥନୀତିକୁ ସମୃଦ୍ଧ କରିବ ବୋଲି ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ସଂଗୀତା କୁମାର ସିଂହଦେଓ କହିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ଆଜି

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାରକୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ସାଂସଦ ଦ୍ୱୟ କହିଛନ୍ତି, ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାରରେ ଦୈନନ୍ଦିନ କ୍ଷେତ୍ରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ହ୍ରାସ ସମ୍ପର୍କରେ ଆଲୋଚନା କରିଥିଲେ ।

**- V/O –**

Desk

# ସେବା ଯୋଜନା

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସାମୂହିକ ସେବା କାର୍ଯ୍ୟକଳାପରେ ନିୟୋଜିତ କରିବା ପାଇଁ ୧୯୬୯ ମସିହାରୁ ଜାତୀୟ ସେବା ଯୋଜନା-ଏନ୍‌ଏସ୍‌ଏସ୍‌ର ଆରମ୍ଭ କରାଯାଇଥିଲା । ପ୍ରତିବର୍ଷ ସରକାରୀ ସ୍ତରରେ ଜାତୀୟ ସେବା ଦିବସ ପାଳନ କରାଯାଉଛି । ସେବା ମାଧ୍ୟମରେ ଶିକ୍ଷା ହେଉଛି ଏନ୍‌ଏସ୍‌ଏସ୍‌ର ମୁଖ୍ୟ ଉଦ୍ଦେଶ୍ୟ । ସ୍ୱେଚ୍ଛାକୃତ ଓ ସାମୂହିକ ସେବା ମଧ୍ୟମରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ ଏବଂ ଚରିତ୍ର ଗଠନ ନେଇ କେନ୍ଦ୍ର ସରକାରଙ୍କର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଏହା ହେଉଛି କ୍ଷେତ୍ରୀୟ ଯୋଜନା ।

Nuapada

# ଜାତୀୟ ସେବା ଯୋଜନା

ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ଏନ୍‌ଏସ୍‌ଏସ୍ ଫାଉଣ୍ଡେସନ୍ ଡେ' ବା ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଏହି ଉପଲକ୍ଷେ ଭୁବନେଶ୍ୱର ଜୟଦେବ ଭବନଠାରେ ଅପରାହ୍ନରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

MET

## ପାଣିପାଗ

ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆସନ୍ତାକାଲି ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶୁକ୍ରବାର ଆଡ଼କୁ ଏହା ଅଧିକ ଘନୀଭୂତ ହୋଇ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଅବପାତର ରୂପ ନେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି।

********************************